# Akashvani, Sambalpur

## SAMBALPURI NEWS EVENING BULLETIN

## 5 May 2025- 7.02 pm- 7.12 pm.

***********************************************

୧- ପୁରୀ ଶ୍ରୀମନ୍ଦିର୍ ଛଡ଼ା କେନ୍‌ସି ଜାଗାକେ ଜଗନ୍ନାଥ୍‌ଧାମ୍ କୁହାଯାଇନାଇଁପାରେ ।

- ମୁକ୍ତି ମଣ୍ଡପ୍ ପଣ୍ଡିତଙ୍କର୍ ମତ ଆଧାର୍‌ଥି ସ୍ୱଷ୍ଟ କଲେ ପୁରୀ ଗଜପତି ମହାରାଜ୍ ।

୨- କେନ୍ଦୁଝର୍ ଜିଲ୍ଲା ନ ପାଖାପାଖ୍ୱି ଲାଖେ ୩୦ ହଜାର କୋଟି ଟଙ୍କା ଖର୍ଚ୍ଚାଥି ୩୦ ଟା ପ୍ରକଳ୍ପ କାର୍ଯ୍ୟକାରୀ ହେବା କହେଲେ ମୁଖ୍ୟମନ୍ତ୍ରୀ ।

- କୁସୁମିତା ଠାନେ ବିପ୍ଳବୀ ବୀର ଧରଣୀଧର ନାଏକଙ୍କର୍ ଜୟନ୍ତୀ ସମାରୋହଥି ଯୋଗ୍ ଦେଇକରି ଭିନ୍ ଭିନ୍ ପ୍ରକଳ୍ପର୍ କଲେ ଉଦ୍‌ଘାଟନ୍ ଆର୍ ଶିଲାନ୍ୟାସ୍ ।

୩- ମେଟ୍ରିକ୍ ପରୀକ୍ଷା ଖାତା ଫେର୍‌ଘାଏ ଯାଂଚ୍ ଲାଗି ମୁଲ୍ ହେଲା ଆବେଦନ୍ ପ୍ରକ୍ରିୟା ।

ଆଉର୍

୪- କାଲ୍‌ବୈଶାଖୀର୍ ବର୍ଷାକେ ନେଇକରି ୯ ଟା ଜିଲ୍ଲାକେ ସତର୍କ କଲା ପାଣିପାଗ୍ କେନ୍ଦ୍ର ।

ଦିଘା ଶ୍ରୀଜଗନ୍ନାଥ୍ ମନ୍ଦିର/ପୁରୀ ସମ୍ବାଦଦାତା/ଆର୍ଏନ୍ୟୁ କଟକ୍

ପଶ୍ଚିମବଙ୍ଗ୍ର ଦିଘା ଠାନେ ହେଇଥିବା ଜଗନ୍ନାଥ୍ ମନ୍ଦିର୍ - ଜଗନ୍ନାଥ୍ ଧାମ୍ ନୁହେଁ ବଲି ପୁରୀ ଗଜ୍ପତି ମହାରାଜ୍ ଦିବ୍ୟସିଂହ ଦେବ କହିଛନ୍ । ଇ ବାବ୍ଦେ ଆଏଜ୍ ସାମ୍ବାଦିକ୍ମାନ୍କୁ ସୂଚ୍ନା ଦେଇକରି ଗଜପତି ମହାରାଜ୍ କହିଛନ୍, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର୍ ମୂଳ ପୀଠ ହେଉଛେ ପୁରୁଷୋତମ କ୍ଷେତ୍ର । ପୁରୀ ଛଡ଼ା ଅଲ୍ଗା କେନ୍ସି ଜାଗା ନ ଚତୁର୍ଦ୍ଧାମୂର୍ତିଙ୍କର୍ ଶାସ୍ତ୍ର ଅନ୍ସାରେ ପ୍ରତିଷ୍ଠା ହେଇଥିଲେ ଭିଲ୍ ସେଜାଗାକେ ଜଗନ୍ନାଥ୍ ଧାମ୍, ଶ୍ରୀପୁରୁଷୋତମ୍ କ୍ଷେତ୍ର, ଶ୍ରୀକ୍ଷେତ୍ର କି ନିଳାଚଳ ଧାମ୍ କୁହାଯାଇନାଇଁପାରେ । ସେଥିର୍ଲାଗି ଦିଘା ନ ତିଆର୍ ହେଇଥିବା ଜଗନ୍ନାଥ୍ ମନ୍ଦିର୍ କି ଜାଗାକେ ଇସବୁ ନାଁ ଦିଆଯାଇନାଇଁପାରେ ବଲି ଗଜପତି ମହାରାଜ୍ କହିଛନ୍ । ମୁକ୍ତିମଣ୍ଡପ ପଣ୍ଡିତ ସଭାର୍ ମତ ଅନ୍ସାରେ ଗଜ୍ପତି ମହାରାଜ୍ ଇଟା ସ୍ୱଷ୍ଟ କରିଛନ୍ ।

ସେଆଡ଼େ ଘଟ୍ନାକେ ନେଇକରି ଆଇନ୍ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ଙ୍କର୍ ଅଧ୍ୟକ୍ଷତାଥି ଭୁବ୍ନେଶ୍ୱର୍ ଠାନେ ଆଏଜ୍ ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍ଥି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଘଟ୍ନା ବାବଦ୍ ପ୍ରାଥମିକ୍ ରିପୋର୍ଟ ଦେଇଛନ୍ । ବୈଠକ୍ ଉତ୍ରୁ ଆଇନ୍ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ଗଣମାଧ୍ୟମକେ ସୂଚ୍ନା ଦେଇକରି କହିଛନ୍....

(ଭଏସ୍ ଓଭର୍- ଆଇନ୍‌ମନ୍ତ୍ରୀ)

ପ୍ରଧାନମନ୍ତ୍ରୀ-ପ୍ରତିରକ୍ଷା ସଚିବ ବୈଠକ୍        ଏନ୍‌ଏସ୍‌ଡି

ପେହେଲଗାମ ଆତଙ୍କବାଦୀ ଆକ୍ରମଣ ଘଟ୍‌ନାକେ ନେଇକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କର୍ ଆବାସିକ୍ କାର୍ଯ୍ୟାଳୟଠାନେ ଆଏଜ୍ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଭେଟିକରି ଆକ୍ରମଣ ଘଟ୍‌ନା ବାବ୍‌ଦେ ଆଲୋଚନା କରିଛନ୍ । ଗଲାକାଏଲ ତିନ୍‌ହି ସେନା ମୁଖ୍ୟ ଭିଲ୍ ପ୍ରଧାନମନ୍ତ୍ରୀଙ୍କର୍ ସଙ୍ଗେ ଅଲଗ୍ ଅଲଗ୍ ବୈଠକ୍ କରିଛନ୍ ।

ସେଆଡ଼େ ଭାରତ ତର୍‌ଫୁ ଜମ୍ମୁକଶ୍ମୀର୍‌ର ଚେନାବ୍ ନଦୀନ ଥିବା ବାଗ୍‌ଲିହାର୍ ଡେମ୍‌ର ପାଏନ୍ ପାକିସ୍ତାନ୍ ଆଡ଼୍‌କେ ବନ୍ଦ କରି ଦିଆଯାଇଛେ ବଲି ଆକାଶବାଣୀର୍ ଜମ୍ମୁ ସମ୍ବାଦ୍‌ଦାତା ସୂଚ୍‌ନା ଦେଇଛନ୍ ।

ମୁଖ୍ୟମନ୍ତ୍ରୀ-କେନ୍ଦୁଝର୍        I&PR

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ କେନ୍ଦୁଝର ଜିଲ୍ଲା କୁସୁମିତାଠାନେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ବୀର

ଧରଣୀଧର ନାଏକଙ୍କର ଜନମ୍ ଜାଗା ନ ହେଇଥିବା ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହଥି ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ବିପ୍ଳବୀ ଧରଣୀଧର ନିଜର୍ ସ୍ୱାଭିମାନ୍ ଲାଗି ଲଢ଼େଇ କରିକରି ବଂଚ୍‌ବାର୍‌ଟା ଶିଖେଇଛନ୍ ବଲି କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ୫୦ କୋଟି ଟଙ୍କା ଖର୍ଚ୍ଚାଥି କୁସୁମିତାଠାନେ ଧରଣୀଧରଙ୍କର ସ୍ମୃତି ସଂଗ୍ରହାଳୟ ଆଉ ବ୍ୟାଖ୍ୟାନ୍ କେନ୍ଦ୍ରର୍ ନିହି ପକେଇଛନ୍ । ଇତାର୍ ସହେତେ ୧ ହଜାର୍ ଶହେ ୫୫ କୋଟି ଟଙ୍କାର୍ ୩ ଶହ ୪୦ ଟା ନୂଆଁ ପ୍ରକଳ୍ପ ଘୋଷ୍‌ନା ଆଉ ଉଦ୍‌ଘାଟନ୍ କରିକରି ନିହି ପକେଇଛନ୍ । କେନ୍ଦୁଝର୍‌ର ଅର୍ଥନୀତିକେ ବର୍‌କସ୍ କର୍‌ବାର୍ ଲାଗି ଆଗ୍‌କେ ଆହୁରି ପାଖାପାଖି ଲାଖେ ୩୦ ହଜାର୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ କରାଯାଇକରି ୩୦ ଟା ପ୍ରକଳ୍ପ ଜିଲ୍ଲା ନ ଥାପ୍‌ନା କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଧରଣୀଧର ନାୟକ ଜୟନ୍ତୀ I&PR

ବିପ୍ଳବୀ ଧରଣୀଧର ନାୟକଙ୍କର ୧୬୧ ତମ ଜୟନ୍ତୀ ଅବ୍‌ସରେ ଆଏଜ୍ ରାଜ୍ୟବାସୀ ତାଙ୍କୁ ସୁର୍‌ତା କରି କରି ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ୧୮୬୪ ମସିହା ମେ ୫ ତାରିଖ କେନ୍ଦୁଧରଗଡ଼ର କୁସୁମିତା ଗାଁର୍ ଗୁଟେ ଭୂୟାଁ ପରିବାରଥି

ଧରଣୀଧରଙ୍କର ଜନମ୍ । ଇଂରେଜ୍ ଶାସନ୍‌କେ ବିରୋଧ କରି ସେ ଜୋର୍‌ଦାର୍ ବିପ୍ଳବ କରିଥିଲେ । ୧୮୯୧ ମସିହାଥି ଇଂରେଜ ସରକାର ବିରୋଧଥି ସଙ୍ଗଠିତ୍ 'ଧରଣୀ ମେଳି' ଓଡ଼ିଶା ଇତିହାସଥି ଗୁଟେ ବର୍‌କସ୍ ଛାପ୍ ଛାଡ଼ିଛେ । ଇ ମହାନ୍ ବିପ୍ଳବୀଙ୍କର୍ ଆଦର୍ଶ ସବୁବେଲେ ସୁର୍‌ତା ହେଇ ଓଡ଼ିଆ ଜାତିକେ ତହଁକେଇ ଆସୁଛେ ।

ବିଧାନସଭା ପରିସର୍ ନ ଆଏଜ୍ ବିପ୍ଳବୀ ଧରଣୀଧର ନାୟକଙ୍କର ଜୟନ୍ତୀ ଉଛବ୍ ପାଳିତ୍ ହେଇଛେ । ବିଧାନସଭା ମୁଖ୍ୟ ଫାଟକ୍ ପାଖେ ଥିବା ତାଙ୍କର ପ୍ରତିମୂର୍ତ୍ତି ନ ବାଚସ୍ପତି ସୁରମା ପାଢ଼ୀ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ଆଉ ଅତିଥିମାନେ ଫୁଲ୍‌ମାଲା ଦେଇଥିଲେ ।

ତାର୍ ଆଘୋନୁ ଭୁବନେଶ୍ୱର ଇଏସ୍‌ଆଇ ହସ୍ପିଟାଲ୍ ଛକ୍‌ଠାନେ ତାଙ୍କର ପ୍ରତିମୂର୍ତ୍ତି ପଂଚାୟତିରାଜ ମନ୍ତ୍ରୀ ଶ୍ରୀ ନାୟକ ଫୁଲ୍‌ମାଲା ଦେଇକରି ସ୍ମୃତିଚାରଣ କରିଥିଲେ ।

ଆଏଜ୍ ଅଲ୍‌ଚିକି ଲିପିର୍ ଜନକ ଆଉ ସାନ୍ତାଳୀ ଭାଷାର୍ ମହାନ୍ ସାହିତ୍ୟିକ୍ ଗୁରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କର୍ ଭିଲ୍ ଜୟନ୍ତୀ ଉଛବ୍ ପାଳନ୍ କରାଯାଉଛେ ।

ମେଟ୍ରିକ୍ ଖାତା- ପୁନଃଯାଂଚ୍ ଆର୍‌ଏନ୍‌ୟୁ/ କଟକ୍

ଇ ବଛର୍ ମେଟ୍ରିକ୍ ପରୀକ୍ଷା ଖାତା ଫେର୍‌ଘାଏ ଯାଂଚ୍ ଲାଗି ଆବେଦନ୍ ପ୍ରକ୍ରିୟା ଆଏଜ୍ ଠାନୁ ମୁଲ୍ ହେଇଛେ । ମାଧ୍ୟମିକ୍ ଶିକ୍ଷା ପରିଷଦ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତି ଅନ୍‌ସାରେ ସବ୍‌ଜେକ୍ଟିଭ୍ ଆର୍ ଅବ୍‌ଜେକ୍ଟିଭ୍ ଉତର୍ ଖାତାର୍ ଲାଗି ବୋର୍ଡ଼ ୱେବ୍‌ସାଇଟ୍‌ଥି ଅନ୍‌ଲାଇନ୍ ଜରିଏ ଆବେଦନ୍ କରାଯାଇପାର୍‌ବା । ଇଥିର୍‌ଲାଗି ଆବେଦନ୍‌ର ଶେଷ୍ ତାରିଖ୍ ଆଏବା ୧୬ ତାରିଖ୍ ରହିଛେ । ସେନ୍ତା ମଧ୍ୟମା, ସଂସ୍କୃତ ପରୀକ୍ଷା ଆଉ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀମାନେ ଭିଲ୍ ଫେର୍‌ଘାଏ ଯାଂଚ୍ ଲାଗି ଅଫ୍‌ଲାଇନ୍ ଜରିଏ ଆଏଜ୍‌ଠାନୁ ଆବେଦନ୍ କରିପାର୍‌ବେ ବଲି ପରିଷଦ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସବ୍ ଇନ୍ସପେକ୍ଟର୍ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା କର୍ମଚାରୀ ଚୟନ ଆୟୋଗ୍- ଓ.ଏସ୍.ଏସ୍.ସି. ତର୍‌ଫୁ ଗଲା ୨୭ ତାରିଖ୍ ଦିନ ହେଇଥିବା ଭିନ୍ ଭିନ୍ ବର୍ଗର୍ ସବ୍ ଇନ୍ସପେକ୍ଟର୍ ପରୀକ୍ଷାକେ ରଦ୍ଦ କରାଯାଇଛେ । ପରିଚାଲନାଥି ଭୁଲ୍ ହେଇଥିବାର୍‌ନୁ ପରୀକ୍ଷା ରଦ୍ଦ କରାଯାଇଥିବାର୍ ଓ.ଏସ୍.ଏସ୍.ସି. ତର୍‌ଫୁ ସୂଚ୍‌ନା

ଦିଆଯାଇଛେ । ଜୁଲାଇ ୬ ତାରିଖ୍ ଫେର୍‌ଘାଏ ପରୀକ୍ଷା କରାଯିବା ବଲି କର୍ତୃପକ୍ଷଙ୍କର୍ ତର୍‌ଫୁ କୁହାଯାଇଛେ ।

ରଥ୍ ତିଆର୍ କାମ୍ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀକ୍ଷେତ୍ରନ ଜୋର୍‌ସୋର୍‌ରେ ଚାଲିଛେ ରଥ୍ ତିଆରି କାମ୍ । ଶ୍ରୀନଅର ସାମ୍ନା ରଥ ଖଲାନ ଆଏଜ୍ ୪୨ଟା ତୁମ୍ବ ଗୋଲେଇ କାମ୍ ସରିଥିଲା ବେଲ୍‌କେ ସୁତା ବନ୍ଧା କାମ୍ ମୁଲ୍ ହେଇଛେ । ତାର୍ ଉତ୍‌ରୁ ବିନ୍ଧ ଖୁଦେଇ କାମ୍ କରାଯାଇକରି ପହି ମହାରଣା ଆଉ ସୂତାର୍ ମହାରଣା ଙ୍କ ଦେଖ୍‌ରେଖ୍‌ଥି ସୂତାବନ୍ଧା ଆଉ ତୁମ୍ବର୍ ବାକି ଭାଗ୍‌ଥି ଠେକ୍‌ତୁଲିଆ କାମ୍ ହେବା ।

ଆଇଆଇଏମ୍‌ସି -ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ଜନସଂଚାର୍ ସଂସ୍ଥାନ୍ - ଆଇଆଇଏମ୍‌ସି ଢେଙ୍କାନାଲ୍ ନ ଓଡ଼ିଆ ସାମ୍ବାଦିକତାଥି ସ୍ନାତକୋତର୍ ଡିପ୍ଲୋମା ପାଠ୍ୟକ୍ରମ ନ ନାଁଲେଖାବାର୍ ଲାଗି ଅନ୍‌ଲାଇନ୍ ଆବେଦନ୍ ସମିଆକେ ମେ ୧୦ ତାରିଖ୍‌ତକ୍ ବଢ଼ାଯାଇଛେ । ଇଚ୍ଛୁକ ଛାତ୍ରଛାତ୍ରୀ www.iimc.gov.in ୱେବ୍‌ସାଇଟ୍ ନୁ

ନାଁଲେଖା ଫର୍ମ ଡାଉନ୍‌ଲୋଡ୍ କରିପାର୍‌ବେ । ଛାତ୍ରଛାତ୍ରୀ ଗୁଗୁଲ୍ ଫର୍ମ ଜରିଏ ଭିଲ୍ ଆବେଦନ୍ କରିପାର୍‌ବେ ବଲି ଆଇଆଇଏମ୍‌ସି ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜନଅଭିଯୋଗ ଶୁଣାଣି

ନୂଆପଡ଼ା/ସୁବର୍ଣ୍ଣପୁର/ବୌଦ୍ଧ/ଦେବ୍‌ଗଡ଼୍/କଲାହାଣ୍ଡି/ସ ମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍‌ମାନେ ଜନ ଅଭିଯୋଗ୍ ଶୁଣାଣି କରିଛନ୍ ।

ନୂଆପଡ଼ା ସଦ୍‌ଭାବନା ସଭାଗୃହ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ୍ ଦେଇକରି ଲୁକ୍‌କର୍ ଅଭିଯୋଗ୍ ମାନ୍‌କର୍ ଶୁଣାଣି କରିଥିଲେ । କେତେଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ବେଲେ ବାକି ସବୁ ଅଭିଯୋଗ୍ ମାନ୍‌କର୍ ଜଲ୍‌ଦି ସମାଧାନ୍ କର୍‌ବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ସଦର୍ ବ୍ଲକ୍ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୫୭ ଟା ଅଭିଯୋଗ୍ ଆସିଥିଲା । ଠିକ୍ ସମିଆ ଭିତ୍‌ରେ ଅଭିଯୋଗ୍ ମାନ୍‌କର୍ ସମାଧାନ୍ କର୍‌ବାର୍ ଲାଗି

ଜିଲ୍ଲାପାଲ୍ ଆର୍ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ୍ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବୌଦ୍ଧ ଜିଲ୍ଲା ସଦର୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୭୩ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ୪୦ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ବେଳେ ବାକି ଅଭିଯୋଗ୍‌ମାନ୍‌କର୍ ଜଲ୍‌ଦି ସମାଧାନ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲା ଧନକଉଡ଼ା ବ୍ଲକ୍ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୩୩ ଟା ଅଭିଯୋଗ୍ ଆସିଥିଲା ।

ଦେବ୍‌ଗଡ୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୫୧ ଟା ଅଭିଯୋଗ୍ ଆସିଥିଲା ।

ସେନ୍ତା କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ସଦ୍‌ଭାବନା ସଭାଗୃହ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୨ ଶହ ୧୪ ଟା ଅଭିଯୋଗ୍ ଆସିଥିଲା । ୨୮ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା । ବାକି ଅଭିଯୋଗ୍ ମାନ୍‌କର୍ ଜଲ୍‌ଦି ସମାଧାନ୍ କର୍‌ବାର୍ ଲାଗି ପଦକ୍ଷେପ୍ ନେବାର୍‌କେ ଜିଲ୍ଲାପାଲ୍ ଆର୍ ଏସ୍.ପି. ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଦେବ୍‌ଗଡ଼୍-ବସ୍ ଦୁର୍ଘଟଣା ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ତିଲେଇବଣି ବ୍ଲକ୍ ନୂଆଁ ଭୂଇଁଠାନେ ୪୯ ନମ୍ବର୍ ଜାତୀୟ ରାଜ୍‌ପଥ୍ ଠାନେ କୁଚିଣ୍ଡା ଆସୁଥିବା ଗୁଟେ ଯାତ୍ରୀବାହୀ ବସ୍ କେ ଟ୍ରକ୍ ଧକ୍କା ଦେବାର୍‌ନୁ ୧୦ ଝନ୍ ଜବର୍ ଜଖମ୍ ହେଇଥିବାର୍ ବେଳେ ୨୩ ଝନ୍ ସାମାଏନ୍ ଆହତ୍ ହେଇଛନ୍ । ଆହତ୍‌ମାନ୍‌କୁ ଦେବ୍‌ଗଡ଼୍ ଆର୍ ବୁର୍ଲା ମେଡ଼ିକାଲ୍ ନ ଭର୍ତି କରାଯାଇଛେ । ଖବର୍ ପାଇକରି ଜିଲ୍ଲାପାଲ୍ ଆର୍ ଅଧିକାରୀମାନେ ଘଟ୍‌ନାଜାଗାକେ ପୁହୁଁଚିଥିଲେ ।

ମେଟ୍ରିକ୍ ପରୀକ୍ଷାର୍ଥୀ ସମ୍ବର୍ଦ୍ଧନା ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଯାନ୍ତ୍ରିକ୍ ବିଦ୍ୟାଳୟ ପ୍ରେକ୍ଷାଳୟ ଠାନେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ମେଟ୍ରିକ୍ ପରୀକ୍ଷାଥି ଏ-ୱାନ୍ ଗ୍ରେଡ଼୍ ପାଇଥିବା ୩୩ ଝନ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛେ । ଝାର୍‌ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ଛାତ୍ରଛାତ୍ରୀମାନ୍‌କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍, ଜିଲ୍ଲା ଶିକ୍ଷାଧିକାରୀ ଆର୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ୧୩ ଟା ଜିଲ୍ଲା ନ ଆଏବା ୨୪ ଘଂଟା ଭିତ୍‌ରେ ଧୁକାଗର୍ଡ଼ି ଆଉ ଘଡ଼୍‌ଘଡ଼ି ସାଙ୍ଗେ ହାଲ୍‌କାନୁ ମଧମ୍ ଧରଣ୍‌ର ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ପୂର୍ବାନୁମାନ୍ କରାଯାଇଛେ । ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା ସହେତେ ରାଜ୍ୟର୍ ୯ ଟା ଜିଲ୍ଲାକେ ଜବର୍ ଧୁକାଗର୍ଡ଼ି ଆଉ ବର୍ଷାକେ ନେଇକରି ସତର୍କ ସୂଚ୍‌ନା ଜାରି କରାଯାଇଛେ ।

କାଲ୍‌ବୈଶାଖୀର୍ ବଲେ ରାଜ୍ୟର୍ ସବୁ ଜାଗା ନ ଖରା ଆର୍ ଗରମ୍ କମିଛେ । ରାଜ୍ୟର୍ ସବୁ ଜାଗାର୍ ତାତି ୪୦ ଡିଗ୍ରୀ ତଲେ ରହିଥିଲା । ଆଏବା ୩ ଦିନ୍‌ତକ୍ ପାଗ୍ ଏନ୍ତା ରହେବା ବଲି ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ ।